# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 April - 2025

*********************************

## ମୁଖ୍ୟ ସମ୍ବାଦ

- ପରିବେଶକୁ ସୁସ୍ଥ ରଖିବା ସହ ନିଜେ ସୁସ୍ଥ ରହିବା ପାଇଁ ଯୋଗ ଏକ ଉପଯୋଗୀ ସାଧନ; କହିଲେ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ

– ଦଶମ ଅନ୍ତର୍ଜାତୀୟ ଯୋଗ ଦିବସର ୭୫ ଦିନିଆ ଅବଗଣନା ଆଜିଠାରୁ ଭୁବନେଶ୍ୱରୁ ହେଲା ଆରମ୍ଭ

- ଓଡ଼ିଆ ପକ୍ଷର ସପ୍ତମ ଦିବସରେ ଆଜି ରାଜ୍ୟରେ ଅନୁଷ୍ଠିତ ହେଉଛି 'ବର୍ଣ୍ଣବୋଧ' ଉତ୍ସବ

- 'ସୁସ୍ଥ ଆରମ୍ଭ ଓ ଆଶାଜନକ ଭବିଷ୍ୟତ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆସନ୍ତାକାଲିଠାରୁ ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ପାଣିପାଗ ବିଭାଗର ସୂଚନା

*Desk*

# ଯୋଗଦିବସ

ଦଶମ ଅନ୍ତର୍ଜାତୀୟ ଯୋଗଦିବସର ୭୫ ଦିନିଆ ଅବଗଣନା ଆରମ୍ଭ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଆୟୁଷ ମନ୍ତ୍ରଣାଳୟ ଓ ମୋରାଜୀ ଦେଶାୟୀ ଜାତୀୟ ଯୋଗ ସଂସ୍ଥାନର ସହଯୋଗରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ 'ଯୋଗ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଯୋଗଦେଇ କହିଛନ୍ତି, ପରିବେଶକୁ ସୁସ୍ଥ ରଖିବା ସହ ନିଜେ ସୁସ୍ଥ ରହିବା ପାଇଁ ଯୋଗ ଏକ ଉପଯୋଗୀ ସାଧନ। ଆଗାମୀ ପିଢ଼ି ପାଇଁ ଏକ ସବୁଜ ସୁନ୍ଦର ପୃଥିବୀ ଗଠନ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ଶ୍ରୀ ଯାଦବ କହିଛନ୍ତି।

**- V/O -**

ଯୋଗ ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ରାଜ୍ୟ ଆଗାମୀ ଦିନରେ ଯୋଗର ପ୍ରୟୋଗଶାଳା ହେବ ବୋଲି କହିଛନ୍ତି। ଓଡ଼ିଶାର ପ୍ରାକୃତିକ ପରିବେଶ ଓ ବେଳାଭୂମି ଏହାର ଜନସାଧାରଣଙ୍କୁ ଯୋଗ ସହିତ ଯୋଡ଼ିଥାଏ। ଯୋଗାଭ୍ୟାସ ମାଧ୍ୟମରେ ସମସ୍ତଙ୍କୁ ସୁସ୍ଥ ଓ ନିରୋଗ ରହିବା ପାଇଁ ଶ୍ରୀମତୀ ପରିଡ଼ା ଆହ୍ୱାନ ଦେଇ କହିଛନ୍ତି...

**- V/O -**

ସୂଚନାଯୋଗ୍ୟ, ଆଜି ସକାଳ ସାଢ଼େ ୬ଟାରୁ ୮ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବିଶାଳ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ୫ ହଜାରରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିବାବେଳେ ସମସ୍ତଙ୍କୁ ଔଷଧୀୟ ଚାରା ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମରେ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚା, ଯୁଗ୍ମ ସଚିବ ମୋନାଲିସା ଦାସ, ସାସଂଦ ସମ୍ବିତ ପାତ୍ରଙ୍କ ସହ ବହୁ ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ ।

***BBSR/R***

## ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି । ରାଜ୍ୟରେ ଥିବା ଶିଳ୍ପ ସମ୍ଭାବନାକୁ ଦୃଷ୍ଟିରେ ରଖି ଆଜିଠାରୁ ମୁଖ୍ୟମନ୍ତ୍ରୀ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିବେଶକ ସମ୍ମିଳନୀରେ ଯୋଗଦେବା ସହ କେତେକ ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ସାମିଲ୍ ହେବେ । ଆଇ.ଓ.ସି.ଏଲ୍., ପେଟ୍ରୋନେଟ୍, ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋକେମିକାଲ୍ସ ରିଜର୍ଭସ୍ ଲିମିଟେଡ୍ ସହ ରାଜ୍ୟ ସରକାର ବୁଝାମଣା ପତ୍ର ସ୍ୱାକ୍ଷର କରିବାର ସମ୍ଭାବନା ରହିଛି । ଏହା ସହ ନିବେଶକଙ୍କୁ ଆକୃଷ୍ଟ କିବା ପାଇଁ ମୁଖ୍ୟମନ୍ତ୍ରୀ ନୋଏଡାସ୍ଥିତ ଏଚ୍.ସି.ଏଲ୍. ଟେକ୍ କ୍ୟାମ୍ପସ୍ ପରିଦର୍ଶନ କରିବେ ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଆସନ୍ତା ବୁଧବାର ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି।

***BBSR/R***

## ଉପମୁଖ୍ୟମନ୍ତ୍ରୀ– ଶ୍ରୀମତୀ ପରିଡ଼ା

ରାଜ୍ୟରେ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକର ଚଳିତ ମାସ ପୁର୍ନଗଠନ ହେବା ସହ ଜିଲ୍ଲା ଓ ରାଜ୍ୟସ୍ତରରେ ସଂଗଠନରେ ମଧ୍ୟ ନୂଆ ନିଯୁକ୍ତି ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଏହାଛଡ଼ା ଆସନ୍ତା ମାସରେ ଜି.ପି.ଏଲ୍.ଏଫ୍., ସି.ଏଲ୍.ଏଫ୍. ଓ ବି.ଏଲ୍.ଏଫ୍.ର ପୁର୍ନଗଠନ କରାଯିବ। ଏବେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ପକ୍ଷରୁ ସବୁ ଘରକୁ ଯୋଡ଼ିବା କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବିଶ୍ୱ କଲ୍ୟାଣ ପାଇଁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି। ସମ୍ପୂର୍ଣ୍ଣଭାବେ ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତାକୁ ଉତ୍ତମ ସ୍ୱାସ୍ଥ୍ୟ କୁହାଯାଇଥାଏ। ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ରହିଛି "ସୁସ୍ଥ ଆରମ୍ଭ, ଆଶାଜନକ ଭବିଷ୍ୟତ"। ପ୍ରତ୍ୟେକ ବ୍ୟକ୍ତି, ସଂସ୍ଥା, ସଂଗଠନ ଓ ସରକାରଙ୍କର ମିଳିତ ପ୍ରଚେଷ୍ଟାରେ ପୃଥିବୀର ଲୋକମାନେ କିପରି ନିରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ଉପଭୋଗ କରିପାରିବେ ସେଥିପାଇଁ ୧୯୫୦ ମସିହାରୁ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ  ଆଜିର ଦିନକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଉଛି।  ଖାଦ୍ୟ, ବସ୍ତ୍ର, ବାସଗୃହ ଯେପରି ଜଣେ ଲୋକର ସର୍ବନିମ୍ନ ଅଧିକାର ସେହିଭଳି ସ୍ୱାସ୍ଥ୍ୟ ବିଷୟରେ ଜାଣିବା ଏବଂ ଦରକାର ସମୟରେ ଚିକିତ୍ସା ପାଇବା ଜଣେ ବ୍ୟକ୍ତିର ମଧ୍ୟ ଅଧିକାର। ପୃଥିବୀର କୋଟିକୋଟି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଅଧିକାର ପାଇବାରେ ସୁଯୋଗ ମିଳିପାରୁନାହିଁ। ପୃଥିବୀର ୧୪୦ଟି ରାଷ୍ଟ୍ର ନିଜ ନିଜର ସମ୍ବିଧାନରେ ସ୍ୱାସ୍ଥ୍ୟକୁ ଏକ ମାନବ ଅଧିକାର ଭାବେ ସ୍ୱିକୃତି ଦେଇଛନ୍ତି। ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି, ବିଶ୍ୱର କୋଟି କୋଟି ଲୋକ ଉତ୍ତମ ସେବା ଅଧିକାରରୁ ବର୍ତ୍ତମାନ ମଧ୍ୟ ବଞ୍ଚିତ ରହିଛନ୍ତି । ଲୋକମାନଙ୍କ ଭିତରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତାର ଅଭାବ ଓ ଉତ୍ତମ ଚିକିତ୍ସା ମିଳିପାରୁ ନ ଥିବାରୁ ବିଶ୍ୱରେ ପ୍ରତି ୫ ସେକେଣ୍ଡରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ସମସ୍ତଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ, ଶିକ୍ଷା, ଉତ୍ତମ ଚିକିତ୍ସା, ଶୁଦ୍ଧ ପାନୀୟ ଜଳ, ନିର୍ମଳ ବାୟୁ, ପରିଷ୍କାର ପରିଚ୍ଛନ୍ନ ପରିବେଶ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅଧିକାର ଯୋଗାଇ ଦେବାପାଇଁ ବିଭିନ୍ନ ସ୍ତରରେ ଆଜି ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

***BBSR/R***

## ସୁଭଦ୍ରା ଯୋଜନା

ରାଜ୍ୟରେ ସୁଭଦ୍ରା ଯୋଜନାରେ ନୂତନ ଆବେଦନକାରୀଙ୍କୁ ଚଳିତ ମାସ ୨୨ ଓ ୨୩ ତାରିଖରେ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ଗଣମାଧ୍ୟମକୁ ଆଜି ସୂଚନା ଦେଇ  ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଗତକାଲି ସୁଦ୍ଧା ୧ ଲକ୍ଷ ୭୦ ହଜାର ନୂଆ ଆବେଦନ ହସ୍ତଗତ ହୋଇଛି। ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ସୁଭଦ୍ରା ଯୋଜନାକୁ ସହଜ କରିବା ପାଇଁ ସର୍ଭେ କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

**- V/O –**

***BHK/DHNKL/Sonepur/Desk***

## ଓଡ଼ିଆ ପକ୍ଷ

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷର ଆଜି ସପ୍ତମ ଦିବସରେ ବର୍ଣ୍ଣବୋଧ ଉତ୍ସବ ପାଳିତ ହେଉଛି । ଏହି ୧୪ ଦିନିଆ ପକ୍ଷର ବିଭିନ୍ନ ଦିନରେ ସାହିତ୍ୟ, ସଂସ୍କୃତି, ପରମ୍ପରା, ନୃତ୍ୟ ଓ ସଙ୍ଗୀତ ଭିତ୍ତିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଆଜି ବର୍ଣ୍ଣବୋଧ ଉତ୍ସବ ଅବସରରେ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ବହି ବଣ୍ଟନ କରାଯାଉଛି। ଏହା ସହ ବର୍ଣ୍ଣବୋଧକୁ ଲୋକପ୍ରିୟ କରିବା ପାଇଁ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

ଢେଙ୍କାନାଳ ବ୍ଲକ କାର୍ଯ୍ୟାଳୟଠାରେ ବର୍ଣ୍ଣବୋଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ବ୍ଲକର ୨୫ ଜଣ ଶିକ୍ଷକଙ୍କୁ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ନୂତନ ଭାବେ ମୁଦ୍ରିତ ବର୍ଣ୍ଣବୋଧ ବହି ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ବିଦ୍ୟାଳୟରେ ଶିଶୁମାନଙ୍କୁ ବର୍ଣ୍ଣବୋଧ ପୁସ୍ତକ ପ୍ରଦାନ କରାଯିବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାର ସମସ୍ତ ବିଦ୍ୟାଳୟଗୁଡ଼ିକରେ ବର୍ଣ୍ଣବୋଧ ଉତ୍ସବ ପାଳିତ ହୋଇଯାଇଛି। ସୁରେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟକୁ ବର୍ଣ୍ଣବୋଧର ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଥିଲା।

ଭଦ୍ରକ ଜିଲ୍ଲା ମଠସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ବଣ୍ଟନ ଉତ୍ସବ ଏବଂ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ

କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ ବର୍ଣ୍ଣବୋଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ।

ଆସନ୍ତାକାଲି ଓଡ଼ିଆ ପକ୍ଷର ଅଷ୍ଟମ ଦିନରେ ରେଡକ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରକ୍ତଦାନ ଅଭିଯାନ ଦିବସ ଭାବେ ପାଳନ କରାଯିବ।

***Rayagada/Sonepur***

## ଜନଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଛି।

ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅନନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ରାମ ପ୍ରସାଦ ସାହୁ ଉପସ୍ଥିତ ରହି ଜନସାଧାରଣଙ୍କ ୨୩ଟି ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାରୁଲ ପଟ୍ଟୱାରୀ ୬ଟି ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ। ଶିବିରରେ ୩ ଜଣଙ୍କୁ

ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଓ ରେଡକ୍ରସରୁ ସହାୟତା ରାଶି ପ୍ରଦାନ କରାଯାଇଥିଲା ।

***Desk***

## ସର୍ବଭାରତୀୟ ପୁଲିସ ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ହକି କମ୍ପ୍ଲେକ୍ସରେ ଆଜିଠାରୁ ୬୩ତମ ସର୍ବଭାରତୀୟ ପୁଲିସ ହକି ପ୍ରତିଯୋଗିତା ଆରମ୍ଭ ହେଉଛି । ୭ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୬ଟି ପୁରୁଷ ଦଳ ଓ ୯ଟି ମହିଳା ଦଳ ଅଂଶଗ୍ରହଣ କରୁଛନ୍ତି । ଏହି ପ୍ରତିଯୋଗିତାରେ ମୋଟ୍ ୪୮ଟି ମ୍ୟାଚ୍ ଖେଳାଯିବ । ଓଡ଼ିଶା ପୁଲିସ ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାକୁ ଦ୍ୱିତୀୟଥର ପାଇଁ ଆୟୋଜନ କରୁଥିବାରୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ସର୍ବଭାରତୀୟ ପୁଲିସ କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡକୁ କୃତଜ୍ଞତା ଜଣାଇଛନ୍ତି ।

***Desk***

## ପାଣିପାଗ

ବଙ୍ଗୋପସାଗରରେ ଗତକାଲି ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ଦକ୍ଷିଣ ବଙ୍ଗୋପସାଗରର ମଧ୍ୟଭାଗରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହି ଲଘୁଚାପର ପ୍ରଭାବରେ ଆସନ୍ତାକାଲିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେବା ନେଇ ଭବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆସନ୍ତାକାଲି

ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, ଗଜପତି, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ କୋରାପୁଟ ଆଦି ୧୩ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି।  ଏହି ସମୟରେ ପବନର ବେଗ ୩୦ରୁ ୪୦ କିଲୋମିଟର ମଧ୍ୟରେ ରହିବ ବୋଲି ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନର ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବାର  ସମ୍ଭାବନା ରହିଛି । ଗତକାଲି ଅନୁଗୁଳ, ଟିଟିଲାଗଡ଼ ଏବଂ ଝାରସୁଗୁଡ଼ାରେ ଦିନ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ରହିଥିଲା ।

*******************************